# NATIONAL NEWS BULLETIN (ODIA)

**25 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଧ୍ୱଜା ଉତ୍ତୋଳନ କଲେ ପ୍ରଧାନମନ୍ତ୍ରୀ

– ସାରା ଦେଶ ଆଜି ରାମମୟ ହୋଇଛି; କହିଲେ ଶ୍ରୀ ମୋଦୀ

- ଦେଶରେ ଲାଗୁ ହୋଇଥିବା ୪ଟି ନୂଆ ଶ୍ରମ ସଂହିତା’ ଅର୍ଥନୀତିକୁ ଗତିଶୀଳ କରିବା ନେଇ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ରିପୋର୍ଟ

- ଦେଶ ଆସନ୍ତାକାଲି ପାଳନ କରିବ ସମ୍ବିଧାନ ଦିବସ

– ଚଳିତ ବର୍ଷର ବାର୍ତ୍ତା ରହିଛି ‘ଆମ ସମ୍ବିଧାନ, ଆମ ସ୍ୱାଭିମାନ’

- ଇଥିଓପିଆର ହାଇଲିଗୁବି ଜ୍ୱାଳାମୁଖୀ ବିସ୍ଫୋରଣ ଯୋଗୁଁ ଅନେକ ବିମାନସେବା ବାଧାପ୍ରାପ୍ତ

ଏବଂ

- ଗୁଆହାଟୀର ବର୍ଷାପାରା କ୍ରିକେଟ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟର ଚତୁର୍ଥ ଦିନର ଖେଳ ଜାରି

# ପିଏମ୍- ଅଯୋଧ୍ୟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଶ୍ରୀ ରାମ ଜନ୍ମଭୂମି ମନ୍ଦିର ପରିଦର୍ଶନ କରିଛନ୍ତି। ସେଠାରେ ଶ୍ରୀ ମୋଦୀ ପବିତ୍ର ଶ୍ରୀ ରାମ ମନ୍ଦିରର ଶିଖରରେ ଆନୁଷ୍ଠାନିକ ଭାବେ ଏକ ଗେରୁଆ ରଙ୍ଗର ପତାକା ଉତ୍ତୋଳନ କରିଛନ୍ତି। ଏହି କାର୍ଯ୍ୟକ୍ରମ ମନ୍ଦିର ନିର୍ମାଣ ସମାପ୍ତି ଏବଂ ସାଂସ୍କୃତିକ ଉତ୍ସବ ତଥା ଜାତୀୟ ଏକତାର ଏକ ନୂତନ ଅଧ୍ୟାୟ ପ୍ରାରମ୍ଭର ପ୍ରତୀକ ବୋଲି ବିବେଚନା କରାଯାଉଛି।

**V/O-PM MODI-DHWAJ**

ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଆଜି ସକାଳେ ଅଯୋଧ୍ୟାରେ ଏକ ରୋଡ୍ ଶୋ'ରେ ଯୋଗ ଦେଇଥିଲେ। ଏଥିରେ ହଜାର ହଜାର ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ଏକତ୍ରୀତ ହୋଇଥିଲେ। ପ୍ରଧାନମନ୍ତ୍ରୀ' ପରେ ମହର୍ଷି ବଶିଷ୍ଠ, ବିଶ୍ୱାମିତ୍ର, ଅଗସ୍ତ୍ୟ, ବାଲ୍ମୀକି, ଦେବୀ ଅହଲ୍ୟା, ନିଷାଦରାଜ ଗୁହା ଏବଂ ମାତା ଶବରୀଙ୍କ ମନ୍ଦିର ଯାଇ ଦର୍ଶନ କରିଛନ୍ତି। ପୁଣି ଶ୍ରୀ ମୋଦୀ ଭଗବାନ ରାମଙ୍କ ବିରଳ ଶେଷାବତାର ମନ୍ଦି ପରିଦର୍ଶନ କରିବା ପରେ ମାତା ଅନ୍ନପୂର୍ଣ୍ଣା ମନ୍ଦିର ଏବଂ ରାମ ଲଲ୍ଲା ଗର୍ଭଗୃହରେ ଦର୍ଶନ ଏବଂ ପୂଜା କରିଥିଲେ। ଶ୍ରୀ ମୋଦୀ କହିଛନ୍ତି, ଆଜି ସାରା ଦେଶ ରାମମୟ ହୋଇଛି।

**V/O-PM-MODI--RAMMAY**

ଅଯୋଧ୍ୟାରେ 'ଜୟ ଶ୍ରୀରାମଙ୍କ ମନ୍ତ୍ର, ଶଙ୍ଖଧ୍ୱନିର ପ୍ରତିଧ୍ୱନି ଶୁଣାଯାଉଛି। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଅଯୋଧ୍ୟାରେ ଯାଇ

ପହଞ୍ଚୁଛନ୍ତି। ପବିତ୍ର ବିବାହ ପଞ୍ଚମୀ ଏବଂ ଅଭିଜିତ ମୁହୂର୍ତ୍ତରେ ଧର୍ମଧ୍ୱଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ରାଜନାଥ–ସମୁଦ୍ର ଉତ୍କର୍ଷ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଭାରତୀୟ ନୌସେନା ଏବଂ ଉପକୂଳ ସୁରକ୍ଷା ଜାହାଜଗୁଡ଼ିକ ଭାରତରେ ନିର୍ମାଣ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ତଥା ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ ଦିଗରେ ଏହା ଆଉ ଏକ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି। ନୂଆଦିଲ୍ଲୀରେ ଆଜି 'ସମୁଦ୍ର ଉତ୍କର୍ଷ' ସେମିନାରରେ ଯୋଗଦେଇ ଶ୍ରୀ ସିଂ କହିଛନ୍ତି, ଭାରତର ୯୫ ପ୍ରତିଶତ ବାଣିଜ୍ୟ ଏବଂ ୭୦ ପ୍ରତିଶତ ମୂଲ୍ୟର ବ୍ୟବସାୟିକ କାର୍ଯ୍ୟକଳାପ ସାମୁଦ୍ରିକ ମାର୍ଗରେ କରାଯାଉଛି। ସେ କହିଛନ୍ତି, ଏହାଦ୍ୱାରା ଅଧିକ ପରିମାଣର ସାମଗ୍ରୀ ପରିବହନ ସହ ଦେଶର ଅର୍ଥନୀତିକୁ ବିକଶିତ କରାଯାଇପାରୁଛି।

ସେ କହିଛନ୍ତି, ବିଶ୍ୱ ବାଣିଜ୍ୟ ଏବଂ ସାମୁଦ୍ରିକ ଶିଳ୍ପ କ୍ଷେତ୍ରରେ ଭାରତୀୟ ଜାହାଜ ନିର୍ମାଣ କାରଖାନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରୀୟ ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଭାରତର ଜାହାଜ ନିର୍ମାଣ କାରଖାନା ଏକ ଇକୋସିଷ୍ଟମ ସୃଷ୍ଟି କରିଥିବା ବେଳେ ଏଥିରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ଲାର୍ସନ ଆଣ୍ଡ ଟୁବ୍ରୋ ଜାହାଜ ନିର୍ମାଣ କାରଖାନା ପକ୍ଷରୁ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଗତିଶୀଳ ଇଣ୍ଟରସେପ୍ଟର ଜାହାଜ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି।

ଅନ୍ୟପକ୍ଷରେ ବିଦେଶର ଜାହାଜଗୁଡ଼ିକ ମଧ୍ୟ ଜଟିଳ ଯାନ୍ତ୍ରିକ ତ୍ରୁଟି ପାଇଁ ଭାରତୀୟ ଜାହାଜ କାରଖାନାଗୁଡ଼ିକର ସହାୟତା ନେଉଛନ୍ତି। ଏହା ଦେଶର ସାମର୍ଥ୍ୟ ଏବଂ ନିର୍ଭରଶୀଳତା ପ୍ରଦର୍ଶନ କରୁଛି ବୋଲି ଶ୍ରୀ ସିଂହ କହିଛନ୍ତି।

## ଏସ୍‌ବିଆଇ ଲେବର–ରିଫର୍ମସ

ଦେଶରେ ଲାଗୁ ହୋଇଥିବା ୪ଟି ନୂଆ ଶ୍ରମ ସଂହିତା ଦେଶର ଅର୍ଥନୀତିକୁ ଗତିଶୀଳ କରିବା ସହ ବେକାରୀ ଦୂରୀକରଣରେ ସହାୟକ ହେବ ବୋଲି କୁହାଯାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ରିପୋର୍ଟରେ ନୂଆ ଶ୍ରମ ସଂହିତା ବେକାରୀ ହାର ୧ ଦଶମିକ ୩ ପ୍ରତିଶତ ହ୍ରାସ କରିବା ସହ ପ୍ରାୟ ୭୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି କରିବ ବୋଲି ଜଣାପଡ଼ିଛି।

ରିପୋର୍ଟରେ ଚଳିତ ମାସ ୨୧ ତାରିଖରୁ ଲାଗୁ ହୋଇଥିବା ନୂଆ ଶ୍ରମ ସଂହିତା ୧୫ ପ୍ରତିଶତ ଶ୍ରମ ବଳ ବୃଦ୍ଧି କରିବା ସହ ବର୍ତ୍ତମାନର ୬୦ ଦଶମିକ ୪ ପ୍ରତିଶତ ଥିବା ଅଣସଂଗଠିତ କ୍ଷେତ୍ରର ଶ୍ରମିକ ସଂଖ୍ୟାକୁ ୭୫ ଦଶମିକ ୫ ପ୍ରତିଶତକୁ ବୃଦ୍ଧି କରିବ। ରିପୋର୍ଟ ଅନୁଯାୟୀ, ଦେଶର ଶ୍ରମ ଶକ୍ତିକୁ ୮୫ ପ୍ରତିଶତ ସାମାଜିକ ସୁରକ୍ଷା ମିଳିପାରିବ। ରିପୋର୍ଟରେ କୁହାଯାଇଛି, ଏହି ସଂସ୍କାର ଯୋଗୁଁ ୩୦ ପ୍ରତିଶତ ସଞ୍ଚୟ ସହ ସାମଗ୍ରୀକ ଭାବେ ଅର୍ଥନୈତିକ ବୃଦ୍ଧି ଘଟିବ ଏବଂ ମୋଟ୍ ବ୍ୟୟ ୭୫ ହଜାର କୋଟି ଟଙ୍କା ଅତିକ୍ରମ କରିବ। ଏସ୍.ବି.ଆଇ. ପକ୍ଷରୁ ପ୍ରସ୍ତୁତ ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ଏବେ ଅଣସଂଗଠିତ କ୍ଷେତ୍ରରେ ୪୪ କୋଟି

ଶ୍ରମିକ କାମ କରୁଥିବା ବେଳେ ୩୧ କୋଟି ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି।

ଫଳରେ ଆସନ୍ତା ୨ରୁ ୩ ବର୍ଷ ମଧ୍ୟରେ ସାମାଜିକ ସୁରକ୍ଷା ୮୦ରୁ ୮୫ ପ୍ରତିଶତ ଶ୍ରମିକଙ୍କୁ ମିଳିପାରିବ। ରିପୋର୍ଟରେ ନୂଆ ଶ୍ରମ ସଂହିତା ଉଭୟ ଶ୍ରମିକ ଏବଂ ଉଦ୍ୟୋଗଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ସହ ଶ୍ରମିକମାନଙ୍କ ବହୁବିଧ ସୁରକ୍ଷା ସୁନିଶ୍ଚିତ କରିବ। ନୂଆ ଶ୍ରମ ସଂହିତାରେ ୨୯ଟି ଶ୍ରମ ଆଇନକୁ ସରଳୀକରଣ କରାଯାଇଛି।

## ସମ୍ବିଧାନ ଦିବସ

ଦେଶ ଆସନ୍ତାକାଲି ସମ୍ବିଧାନ ଦିବସ ପାଳନ କରିବ। ଚଳିତ ବର୍ଷର ସମ୍ବିଧାନର ଦିବସର ବିଷୟ ରହିଛି 'ଆମ ସମ୍ବିଧାନ–ଆମ ସ୍ୱାଭିମାନ'। ସମ୍ବିଧାନ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆସନ୍ତାକାଲି ନୂଆଦିଲ୍ଲୀ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ସମ୍ବିଧାନର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିବେ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ରୂପେ ପାଳନ କରିବା ନିଷ୍ପତ୍ତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପିଏମ୍- କୁରୁକ୍ଷେତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ କୁରୁକ୍ଷେତ୍ର ଗସ୍ତ କରି ଗୁରୁ ତେଗ ବାହାଦୁର ଜୀଙ୍କ ୩୫୦ତମ ସହିଦ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ମୋଦୀ’ ଏହି ଅବସରରେ ଏକ ସ୍ୱତନ୍ତ୍ର ମୁଦ୍ରା ଏବଂ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିବେ। ଗୁରୁ ତେଗ ବାହାଦୁରଙ୍କ ୩୫୦ତମ ସହିଦ ଦିବସକୁ ସମ୍ମାନ ଜଣାଇବା ପାଇଁ ସରକାର ବର୍ଷେ ବ୍ୟାପୀ ତାଙ୍କର ସ୍ମୃତିଚାରଣ କରୁଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଏକ ନବନିର୍ମିତ କୋଠା ପାଞ୍ଚଜନ୍ୟର ମଧ୍ୟ ଉଦଘାଟନ କରିବେ। ଯାହା ଭଗବାନ ଶ୍ରୀକୃଷ୍ଣଙ୍କ ପବିତ୍ର ଶଙ୍ଖର ସମ୍ମାନାର୍ଥେ ରୂପରେଖ ଦିଆଯାଇଛି। ପରେ ଶ୍ରୀ ମୋଦୀ’ ଶ୍ରୀମଦ୍ ଭଗବଦ୍ ଗୀତାର ଦିବ୍ୟ ପ୍ରକାଶନ ସହିତ ଜଡ଼ିତ ଦେଶର ସବୁଠାରୁ ପବିତ୍ର ତୀର୍ଥସ୍ଥଳ ବ୍ରହ୍ମ ସରୋବରରେ ଦର୍ଶନ ଏବଂ ପୂଜା କରିବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ, କୁରୁକ୍ଷେତ୍ରରେ ଗତ ୧୫ ତାରିଖରୁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଗୀତା ମହୋତ୍ସବ ପାଳନ କରାଯାଉଛି।

# ଦୁବାଇ-ଫ୍ଲାଇଟ୍ ଡିସରପଟ୍

ଇଥିଓପିଆର ହାଇଲିଗୁବି ଜ୍ୱାଳାମୁଖୀ ପ୍ରାୟ ୧୦ ହଜାର ବର୍ଷ ପରେ ସକ୍ରିୟ ହୋଇଥିବାରୁ, ସେଥିରୁ ବାହାରୁଥିବା ଧୂଆଁ ଓ ପାଉଁଶ ଯୋଗୁଁ ବିମାନ ଚଳାଚଳ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି । ବହୁ ଉଚ୍ଚତାରେ ପାଉଁଶ ଉଡୁଥିବାରୁ ଦିଗ ନିର୍ଣ୍ଣୟ କରିବାରେ ପାଇଲଟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପରାମର୍ଶବଳୀ ଜାରି କରିଛନ୍ତି । ସମସ୍ତ

ବିମାନ ସେବା କର୍ତ୍ତୃପକ୍ଷ ଏବଂ ସେମାନଙ୍କ କର୍ମଚାରୀମାନେ ଜ୍ୱାଳାମୁଖୀ ପାଉଁଶ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଏଡ଼ାଇବା ଏବଂ ପରାମର୍ଶ ଅନୁଯାୟୀ ଅନ୍ୟ ମାର୍ଗ ଦେଇ ଉଡ଼ାଣ ଜାରି ରଖିବାକୁ ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ।

ଇତିମଧ୍ୟରେ ଅନେକଗୁଡ଼ିଏ ଭାରତୀୟ ବିମାନସେବା ପ୍ରଦାନକାରୀ କମ୍ପାନୀ ପଶ୍ଚିମ ଏସିଆକୁ ବିମାନ ଉଡ଼ାଣ ରଦ୍ଦ କରିଥିବା ବେଳେ ଅନ୍ୟ କେତେକ କମ୍ପାନୀ ଉଡ଼ାଣ ମାର୍ଗରେ ପରିବର୍ତ୍ତନ କରିଛନ୍ତି। ସୂଚନା ଅନୁଯାୟୀ, ୪୫ ହଜାର ଫୁଟ୍ ଉପରେ ଧୂଆଁ ଏବଂ ପାଉଁଶ ଉଡ଼ିବା ଯୋଗୁଁ ଠିକ୍ ଭାବେ ଦୃଶ୍ୟମାନ ହେଉ ନ ଥିବାରୁ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ଏ ନେଇ ସତର୍କତା ଜାରି କରାଯାଇଛି।

ଇଣ୍ଡିଗୋ ପକ୍ଷରୁ ୬ଟି ଉଡ଼ାଣ ରଦ୍ଦ କରାଯାଇଥିବା ବେଳେ ଆକାଶ ଏୟାର' ଆବୁଧାବି, ଜେଦାହା ଏବଂ କୁଏତକୁ ଆଜି ମଧ୍ୟ ଉଡ଼ାଣ ରଦ୍ଦ କରିଛି। ସେହିପରି ସ୍ପାଇସ୍ ଜେଟ୍, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ପକ୍ଷରୁ ନିରାପତ୍ତା ଦୃଷ୍ଟିରୁ କେତେକ ବିମାନ ଉଡ଼ାଣର ମାର୍ଗ ପରିବର୍ତ୍ତନ କରାଯାଇଛି।

# ପାକିସ୍ତାନ– କିଲ୍‌ସ ଚିଲଡ୍ରେନ୍

ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶର ଏକ ଆବାସିକ ଅଞ୍ଚଳରେ ପାକିସ୍ତାନୀ ସେନାର ଆକ୍ରମଣରେ ୯ ଜଣ ଶିଶୁ ସମେତ ୧୦ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଆଫଗାନ ସରକାରଙ୍କ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ କହିଛନ୍ତି, ମଧ୍ୟରାତ୍ରି ପରେ ଏହି ଆକ୍ରମଣ ଘଟିଥିଲା।

ଖୋଷ୍ଟର ଗୁରବୁଜ ଜିଲ୍ଲାର ମୁଗଲଗାଇ ଅଞ୍ଚଳରେ ଏହି ଆକ୍ରମଣ ହୋଇଥିଲା। ସେ କହିଛନ୍ତି, ପାକିସ୍ତାନୀ ଆକ୍ରମଣକାରୀ ସେନା ଜଣେ ସ୍ଥାନୀୟ ନାଗରିକ ବାସିନ୍ଦାଙ୍କ ଘର ଉପରେ ବୋମା ମାଡ଼ କରିଛନ୍ତି। ସେ କହିଛନ୍ତି, ଏହି ଆକ୍ରମଣରେ ପାଞ୍ଚ ଜଣ ପୁଅ, ଚାରି ଜଣ ଝିଅ ଏବଂ ଜଣେ ମହିଳା ସମେତ ନଅ ଜଣ ଶିଶୁଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପରେ ପୁଣିଥରେ ପାକିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ଅକ୍ଟୋବରରେ ଆଫ୍‌ଗାନ ତାଲିବାନ୍ ଆକ୍ରମଣର ଜବାବରେ ପାକିସ୍ତାନ' କାବୁଲ, ଖୋସ୍ତ, ଜଲାଲାବାଦ ଏବଂ ପାକ୍‌ଟିକା ଅଞ୍ଚଳରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା।

## କ୍ରିକେଟ

ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ମ୍ୟାଚ୍ ଜାରି ରହିଛି। ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୭୦ ଓଭରରେ ୪ ୱିକେଟ୍ ହରାଇ ୨୨୦ ରନ୍ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ୫୦୮ରନ୍ ଆଗୁଆ ରହିଛି। ଭାରତୀୟ ବୋଲର ରବୀନ୍ଦ୍ର ଜାଡେଜା ୨ଟି ୱିକେଟ୍ ହାସଲ କରିଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୮୯ ରନ୍ କରିଥିବା ବେଳେ ଭାରତ ୨୦୧ ରନ୍ କରିଥିଲା।

# ସୁଲତାନ୍-ଆଜଲାନ୍ କପ୍

ସୁଲତାନ୍ ଆଜଲାନ୍ ଶାହା କପ୍‌ରେ ଭାରତ’ ବେଲଜିୟମ୍‌ଠାରୁ ୨-୩ ଗୋଲ୍‌ରେ ପରାସ୍ତ ହୋଇଛି। ମାଲେସିଆର ଇପୋହ’ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଷା ଯୋଗୁଁ ଏହି ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଗତ ରବିବାର ଦିନ ଭାରତ’ ଦକ୍ଷିଣ କୋରିଆକୁ ୧-୦ରେ ପରାସ୍ତ କରିଥିଲା। ଆସନ୍ତାକାଲି ଭାରତ ଏବଂ ମାଲେସିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।